Sarbasadharan
pg 12

ଭୁବନ (ଆପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟର ଏନ୍‌ସିସି ପକ୍ଷରୁ ଚଳିତ ମାସ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳିତ ହେଉଛି । ପରିବେଶ ଓ ଜଳବାୟୁ ପ୍ରଦୂଷଣକୁ ନେଇ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ପରିବେଶ ସୁରକ୍ଷା ପାଇଁ ଅଣ୍ଟା ଭିଡିଛନ୍ତି । ଏହି ଅବସରରେ ମହାବିଦ୍ୟାଳୟ ପରିସର ସଫେଇ କରିବା ସହ ଅଞ୍ଚଳରେ ସ୍ୱଚ୍ଛତାର ବାର୍ତ୍ତା ପହଞ୍ଚାଇବା ପାଇଁ ଫ୍ଲାଗ୍‌କାର୍ଡ ଧରି ଓ ବିଭିନ୍ନ ନାରାବାଜି କରି ସହର ମଧ୍ୟରେ ଛାତ୍ରଛାତ୍ରୀ ଶୋଭାଯାତ୍ରା କରିଛନ୍ତି । ଏନ୍‌ସିସି ଅଫିସର ଦିପାରାଣୀ ସାମଲ ଏହି ସ୍ୱଚ୍ଛତା ପକ୍ଷ ପାଳନର ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ. କିଶୋର ଚନ୍ଦ୍ର ଦାସ ଏହାର ଉଦ୍‌ଘାଟନ କରିଥିଲେ । ଭୁବନ ଥାନା ପକ୍ଷରୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ସହଯୋଗ କରାଯାଇଥିଲା । ମହାବିଦ୍ୟାଳୟ ଅଧ୍ୟାପକ ଅଧ୍ୟାପିକା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ପ୍ରମିଳା ପ୍ରଧାନ ଅସୁସ୍ଥତା ଯୋଗୁଁ ପ୍ରତିଦିନ ସ୍କୁଲକୁ ଆସିପାରୁନାହାନ୍ତି । ତେଣୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି । ଏହାର ପ୍ରତିବାଦରେ ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇଥିଲେ । ଶିକ୍ଷକ ଜିତେନ୍ଦ୍ର ବେହେରାଙ୍କୁ ସ୍କୁଲକୁ ଫେରାଇ ଆଣିବା ସହ ପ୍ରଧାନ ଶିକ୍ଷୟତ୍ରୀଙ୍କ ବଦଳି କରାଯିବାକୁ ଦାବି କରିଥିଲେ । ବିଇଓ ଲୋପମୁଦ୍ରା ମହାପାତ୍ର ଫୋନ୍‌ରେ ଅଭିଭାବକଙ୍କ ସହିତ କଥା [illegible] ଦିନ ୧୨ଟା ବେଳେ ଛାତ୍ରଛାତ୍ରୀ ଧାରଣାରୁ ଉଠିଥିଲେ । ଏହାପରେ ପାଠପଢ଼ା ହୋଇଥିଲା । ଆନ୍ଦୋଳନରେ ସ୍କୁଲ ପରିଚାଳନା କମିଟି ସଭାପତି ନିତ୍ୟାନ୍ଦ ମାଝି, ଚୌଧୁରୀ ସାହୁ, [illegible] ପ୍ରକାଶ ସାହୁ, ଦିଲୀପ ମାଝି, କୈଳାସ [illegible] ଥିଲେ ।

ଭୁବନ (ଆପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ମଠକରଗୋଳା ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ପାନ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର [illegible] ପ୍ରଫେସର ଡଃ. [illegible] ମକୁ ଉଦ୍‌ଘାଟନ କରିବାସହ ଶାର୍ଷକ ସୂଚିତ ବ୍ରହ୍ମାଣ୍ଡ ଉପରେ ଆଲୋକପାତ କରିଥିଲେ । ସେହିପରି ପ୍ରଫେସର ସିଂ ବ୍ରହ୍ମାଣ୍ଡର ଉତ୍ପତ୍ତି ଏହା ସମ୍ପ୍ରସାରଣ ଓ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି ସମ୍ପାନରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାଶ ସଭାପତିତ୍ୱ କରିଥିବା ବେଳେ ବାଜିରାଉତ ସ୍ମୃତି ମହାବିଦ୍ୟାଳୟର ପୂର୍ବତ୍ତ ଅଧ୍ୟକ୍ଷ ନିତ୍ୟାନନ୍ଦ ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଦାର୍ଥ ବିଜ୍ଞାନର ବେଦ ଓ ପୁରାଣ ସାମଞ୍ଜସ୍ୟ ଥିବା ଜଣାଇଥିଲେ । ସେହିପରି କିଟ୍ ଏଲ୍‌ଏପିଟି ଅନ୍ୱେଶିଖାର ସମ୍ପାଦକ ପ୍ରଫେସର ରାଜ୍ୟ ମହାପାତ୍ର ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିବାବେଳେ ପ୍ରଫେସର ପରେଶ କୁମାର ବେହେରା ସମ୍ପନ ପାଠ କରିଥିଲେ । ପଦାର୍ଥ ବିଜ୍ଞାନ ବିଭାଗର ଡେମନଷ୍ଟ୍ରେଟର ଲଳିତ କୁମାର ବେହେରା ମଧ୍ୟ ସମ୍ପାନ ପାଠ କରିଥିଲେ । ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ସ୍ୱତନ୍ତ୍ର ଥଇଥାନ କେନ୍ଦ୍ର 'ଆଶା ଦି ହୋପ୍' ଉଦ୍‌ଘାଟିତ





ଅନୁଗୋଳ (ଆପ୍ର): ଦିବ୍ୟାଙ୍ଗ ଶିଶୁମାନଙ୍କ ଆବଶ୍ୟକତା ପୂରଣ ନିମନ୍ତେ ଜେଏସ୍‌ପିଏଲ୍ ଫାଉଣ୍ଡେସନ ପକ୍ଷରୁ ଆଶା ଦି ହୋପ ନାମକ ଏକ ସ୍ୱତନ୍ତ୍ର ଥଇଥାନ କେନ୍ଦ୍ର ଅନୁଗୋଳଠାରେ ଉଦ୍‌ଘାଟିତ ହୋଇଯାଇଛି । ଏହି ସ୍ୱତନ୍ତ୍ର କେନ୍ଦ୍ରକୁ ଶନିବାର ଜେଏସ୍‌ପିଏଲ୍ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ, ଜିଲ୍ଲାପାଳ ମନୋଜ କୁମାର ମହାନ୍ତି, ଜିଲ୍ଲା ପୋଲିସ ଅଧୀକ୍ଷକ ଜଗମୋହନ ମୀନାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଏହି କେନ୍ଦ୍ରରେ ଫିଜିଓଥେରାପି, ଓକୁପେସନାଲ ଥେରାପି, ସେନ୍ସରି ସମନ୍ୱିତ ଥେରାପି, ମାନସିକ ଅନଗ୍ରସର ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷା ତଥା ବଧିର ଶିଶୁଙ୍କ ନିମିତ୍ତ ସ୍ୱତନ୍ତ୍ର ଓଡିଓମେଟ୍ରୀ ଏବଂ ସ୍ପିଚ ଥେରାପି ଆଦି ପ୍ରଦାନ କରାଯିବ । ଏଥିସହିତ ଏହି କେନ୍ଦ୍ର ମାଧ୍ୟମରେ କୌଶଳ ବିକାଶ ଶିକ୍ଷା ଏବଂ ବୃତ୍ତିଗତ ତାଲିମ, ସଙ୍ଗୀତ, ନୃତ୍ୟ ଏବଂ କ୍ରୀଡ଼ା ମାଧ୍ୟମରେ ଗୋଷ୍ଠୀଗତ ଥଇଥାନ ଆଦି ପ୍ରଦାନ କରାଯିବ । ଏହି ଅବସରରେ ଜିଲ୍ଲାପାଳ ମନୋଜ କୁମାର ମହାନ୍ତି, ଜେଏସପିଏଲ ଫାଉଣ୍ଡେସନର ଏହି ସ୍ୱତନ୍ତ୍ର ଥଇଥାନ କେନ୍ଦ୍ର ମାଧ୍ୟମରେ ସ୍ୱତନ୍ତ୍ର ଭିନ୍ନକ୍ଷମ ଶିଶୁଙ୍କୁ ସଶକ୍ତିକରଣ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ ଏହାଦ୍ୱାରା ଭିନ୍ନକ୍ଷମ ଶିଶୁଙ୍କର ଜୀବନ ଧାରଣରେ ପ୍ରଭୂତ ଉନ୍ନତି ହୋଇପାରିବ ବୋଲି ଆଶା ପ୍ରକାଶ କରିଥିଲେ । ଜିଲ୍ଲା ପୋଲିସ ଅଧୀକ୍ଷକ ଜଗମୋହନ ମୀନା ଜେଏସପିଏଲ ଫାଉଣ୍ଡେସନର ଏହି ଉପକ୍ରମ ମାଧ୍ୟମରେ ସ୍ୱତନ୍ତ୍ର ଭିନ୍ନକ୍ଷମ ଶିଶୁଙ୍କ ମଙ୍ଗଳ ହୋଇପାରିବ ବୋଲି କହିଥିଲେ । ଏହି ଅବସରରେ ଶାଲୁ ଜିନ୍ଦଲ କହିଥିଲେ ଯେ, ଆଶା ଦି ହୋପ୍ ହେଉଛି ଜେଏସ୍‌ପିଏଲ୍ ଫାଉଣ୍ଡେସନ ସମାଜର ସାମଗ୍ରୀକ ବିକାଶ ନିମନ୍ତେ ପ୍ରତିଶ୍ରୁତିବଦ୍ଧ । ଆଶା ଦି ହୋପ ରାୟଗଡ଼ କେନ୍ଦ୍ର ମାଧ୍ୟମରେ ଗତ ୧୦ ବର୍ଷ ଭିତରେ ୪୫୦୦ରୁ ଊର୍ଦ୍ଧ୍ୱ ସ୍ୱତନ୍ତ୍ର ଭିନ୍ନକ୍ଷମ ଶିଶୁଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବାରେ ସମର୍ଥ ହୋଇଛୁ । ଏହିଭଳି ସ୍ୱତନ୍ତ୍ର କେନ୍ଦ୍ର ଝାଡଖଣ୍ଡ ଏବଂ ଓଡ଼ିଶାର ଅନୁଗୋଳ ଠାରେ ଆରମ୍ଭ କରିଛୁ । ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ସହଭାଗିତାରେ ଦିବ୍ୟାଙ୍ଗ ଶିଶୁଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣି ସେମାନଙ୍କ ପିତାମାତାଙ୍କ ଆଶା ଓ ଅଭିଳାଷ ପୂରଣ କରିବାରେ ସମର୍ଥ ହୋଇପାରିବୁ ବୋଲି ଆଶା କରୁଛୁ । ଏହି ଉଦ୍‌ଘାଟନ ଉତ୍ସବ ଅବସରରେ ଜେଏସପିଏଲର ମୁଖ୍ୟ ପରିଚାଳନା ଅଧିକାରୀ ପଙ୍କଜ ଗୌତମ, ଇଭିପିତଥା ଗ୍ରୁପ ମୁଖ୍ୟ ସିଏସଆର ପ୍ରଶାନ୍ତ ହୋତା, ଭିପି ସିଏସଆର ଏସ.କେ.ଶର୍ମା, ଭିପି ତଥା ମାନବ ସମ୍ବଳ ବିଭାଗ ମୁଖ୍ୟ ଆଲୋକ ମାଲହୋତ୍ରା, ଜିଏମ ସିଏସଆର ପୁଷ୍ପା ଶତପଥୀ ଏବଂ ଜେଏସ୍‌ପିଏଲ୍‌ର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।